## ସଂକ୍ଷେପରେ

### ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ତାଳଚେର,୧୭।୧(ନି.ପ୍ର.):** ତାଳଚେର କଲେଜର ଜଣେ ଛାତ୍ରୀଙ୍କୁ ଗୁରୁବାର ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀ ଜଣକ କ୍ଲାସ ସାରି ଅପରାହ୍ନରେ ଘରକୁ ଫେରୁଥିବାବେଳେ ଜଣେ ଯୁବକ ତାଙ୍କୁ ଅଟକାଇ ଅସଦ୍‌ବ୍ୟବହାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ତାଳଚେର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଶର୍ଟସର୍କିଟରୁ ଅଗ୍ନିକାଣ୍ଡ



**ଅନୁଗୋଳ ଅଫିସ, ୧୭।୧:** ଅନୁଗୋଳ ସହର ସ୍ଥିତ ରାଧାମାଧବପଡ଼ା ଉପରସାହିରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଆଶିଷ କୁମାର ନାଏକଙ୍କ ଘର ପୋଡ଼ିଯାଇଛି। ତାଙ୍କର ସମସ୍ତ ଆସବାବପତ୍ର ସହ ଘରେ ଥିବା ୮ ହଜାର ଟଙ୍କା ଜଳି ପାଉଁଶ ହୋଇଯାଇଛି। ଅନୁଗୋଳ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ଅଗ୍ନିଶମ ବିଭାଗର ଆସିଷ୍ଟାଣ୍ଟ ଫାୟାର ଅଫିସର ସର୍ବେଶ୍ୱର ବରାଳ ସୂଚନା ଦେଇଛନ୍ତି। ଖବରପାଇ ବିଧାୟକ ରଜନୀକାନ୍ତ ସିଂହ ଅଗ୍ନି ବିପନ୍ନଙ୍କୁ ସହାୟତା ପାଇଁ ଶୀତବସ୍ତ୍ର, କମ୍ବଳ, ପାଲ ସହ ଖାଇବା ସାମଗ୍ରୀ ପଠାଇଥିବା ଜଣାପଡ଼ିଛି।

# ତାର ବିଛାଇବାକୁ ବେଆଇନ ରାସ୍ତା ଖୋଳା



**ବଇଣ୍ଡା,୧୭।୧(ଡି.ଏନ.ଏ)**

ଆଠମଲ୍ଲିକ ବ୍ଲକ ପେଡିପଥରଠାରୁ ବରହ୍ମ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଗୋଟିଏ ପାର୍ଶ୍ୱ କିଛି ଦିନ ହେବ ବେଆଇନ ଭାବେ ଖୋଳାଯାଇଛି। ଏ ନେଇ ଝିଲିମୁଣ୍ଡା ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଉକ୍ତ ୭ କିମି ପକ୍କା ରାସ୍ତାର ଗୋଟିଏ ପାର୍ଶ୍ୱରେ ଏକ ଠିକାସଂସ୍ଥା ମୋବାଇଲ ଟାୱାରର କେବୁଲ ତାର ବିଛାଇବା ପାଇଁ ୨ଟି ଜେସିବି ମେଶିନ ସାହାଯ୍ୟରେ ରାସ୍ତା ଖୋଳାଯାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିନା ଅନୁମତିରେ ଏହି କାର୍ଯ୍ୟ ଚାଲିଛି। ସେହିପରି ମାଟି ରାସ୍ତାରେ ଗଦା କରି ରଖାଯାଇଥିବାବେଳେ ଗମନାଗମନରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ବଇଣ୍ଡା ଅଭିମୁଖେ ଯାଉଥିବା ଏକ ବାଇକ ମାଟିରେ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୨ ଜଣ ଗୁରୁତର ଆହତ ହୋଇଥିଲେ। ଠିକାସଂସ୍ଥା ପକ୍ଷରୁ ଜୋର ଜବରଦସ୍ତ ରାସ୍ତା ଖୋଳା ଯାଉଥିବାବେଳେ ବିଭାଗୀୟ ଅଧିକାରୀଙ୍କୁ ଧରି ଏଭଳି ବେଆଇନ କାମ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ବସନ୍ତ ବସ୍ତିଆ କହିଛନ୍ତି, ରାସ୍ତା ଖୋଳିବା ପାଇଁ ବିଭାଗ ପକ୍ଷରୁ ଅନୁମତି ଦିଆଯାଇନାହିଁ। ଏ ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

# ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

**ତାଳଚେର,୧୭।୧(ନି.ପ୍ର.):** ସେଣ୍ଟ୍ରାଲ କଲୋନୀ ଜଙ୍ଗଲରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ବୁଧବାର ରାତିରେ ପୋଲିସ ଚଢ଼ାଉ କରିଛି। ଚଢ଼ାଉରେ ୫ ଜଣଙ୍କୁ ଗିରଫ କରାଯିବା ସହ ୧ଲକ୍ଷ ୮୪ ହଜାର ଟଙ୍କା, ୬ଟି ମୋବାଇଲ, ୧୫ ବାଇକ ଜବତ କରିଛି। ଗିରଫମାନେ ହେଲେ



ଜବତ ଟଙ୍କା ଓ ମୋବାଇଲ।

### ୧.୮୪ ଲକ୍ଷ, ୧୫ ବାଇକ୍ ଜବତ

ନୂଆବଲଣ୍ଡାର ବସନ୍ତ ସ୍ୱାଇଁ, ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ନିରଞ୍ଜନ ସାହୁ, ହେଁସମୂଳ ଗ୍ରାମର ଚନ୍ଦୁ ସାହୁ ଓ ସାଗର ସାହୁ ଏବଂ ହାଣ୍ଡିଧୂଆଁର ରାଜେନ୍ଦ୍ର ସିଂ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଆଡ୍ଡା ସମ୍ପର୍କରେ ସୂଚନା ପାଇ ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ତାଳଚେର ଆଇଆଇସି ସୌଭାଗ୍ୟ ସ୍ୱାଇଁ ଓ ଅନ୍ୟମାନେ ଅତର୍କିତ ଭାବେ ଚଢ଼ାଉ କରିଥିଲେ। ଅନ୍ୟମାନଙ୍କୁ ଚିହ୍ନଟ କରାଯାଇଛି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ■ ପ୍ରତିଶ୍ରୁତି ପରେ ବି ମିଳୁନି ସହାୟତା

# ରାସ୍ତାରୋକୋ ଚେତାବନୀ

**ପବିତ୍ରନଗର,୧୭।୧(ଡି.ଏନ.ଏ)**

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତର ମରୁଡ଼ି କ୍ଷତିଗ୍ରସ୍ତଙ୍କୁ ୨୦୧୭-୧୮ରେ ଫସଲବୀମା ଜନିତ ମରୁଡ଼ି ସହାୟତା ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ। ଏହାର ପ୍ରତିବାଦରେ ସୋମବାର ରାସ୍ତାରୋକୋ କରାଯିବ ବୋଲି କ୍ଷତିଗ୍ରସ୍ତ ସଂଘର ସଭାପତି ଜଗଜୀବନ ପ୍ରଧାନ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦୀର୍ଘଦିନ ହେବ ଜିଲାପାଳଙ୍କ ଅଭିଯୋଗ ଶୁଣାଣିଠାରୁ ଆରମ୍ଭ କରି ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସମଲ ଓ ପରାବିଲ ଡାକ ବଙ୍ଗଳାରେ ଆଲୋଚନାକୁ ନେଇ ଜାନୁୟାରୀ ୧୫ ସୁଦ୍ଧା ପଦକ୍ଷେପ ନିଆଯିବାକୁ ବିଭାଗୀୟ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ତାହା ପୂରଣ ହୋଇପାରିଲା ନାହିଁ। ଗୁରୁବାର ଚାଷୀମାନେ ଏକତ୍ରିତ ହୋଇ ଆଲୋଚନା କରିଥିଲେ। ଶନିବାର ସୁଦ୍ଧା ଦାବି ପୂରଣ ନ ହେଲେ କ୍ଷତିଗ୍ରସ୍ତ ଚାଷୀ ରାସ୍ତାରୋକୋ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

CLASSIFIED DISPLAY















## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ୨ ଅଟକ

**ପରଜଙ୍ଗ, ୧୭।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଞ୍ଚଳରୁ ଡିସେମ୍ବର ୨୯ରେ ଅପହୃତ ହୋଇଥିବା ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୨ଜଣଙ୍କୁ ଅଟକ ରଖାଯାଇଛି। ଛାତ୍ରୀଙ୍କ ଡାକ୍ତରୀମାଇନା କରାଯାଇଛି। ଶୁକ୍ରବାର ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବା ପରେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ଥାନାଧିକାରୀ ଜିତେନ୍ଦ୍ରନାଥ ସାହୁ ସୂଚନା ଦେଇଛନ୍ତି। ଛାତ୍ରୀ ଅପହରଣ ନେଇ ପରଜଙ୍ଗ ଥାନାରେ ନଂ.୧୦/୧୯ରେ ମାମଲା ରୁଜୁ କରାଯାଇଥିଲା। ଏହାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଛାତ୍ରୀଙ୍କ କହିବା ଅନୁଯାୟୀ, ଅପହର୍ତ୍ତାମାନେ ଜାନୁୟାରୀ ୧୫ ରାତିରେ ତାଙ୍କୁ ଜଙ୍ଗଲରେ ଛାଡ଼ି ପଳାଇଥିଲେ। ସେ ରାତିରେ ଜଙ୍ଗଲରୁ ଚାଲିଚାଲି ଆସି ଜଣେ ସମ୍ପର୍କୀୟଙ୍କ ଘରେ ପହଞ୍ଚିଥିଲେ। ସେଠାରୁ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ତାଙ୍କ ସୂଚନା ଆଧାରରେ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଥିବା ଥାନାଧିକାରୀ କହିଛନ୍ତି।

### ବୈଦେଶ୍ୱର ଫାଇନାଲରେ



**ଢେଙ୍କାନାଳ ଅଫିସ, ୧୭।୧** ହିନ୍ଦୋଳ ବ୍ଲକ ବେଡ଼ାପଡ଼ାରେ ଚାଲିଥିବା ସୁବାସ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଦିଶା ବୈଦେଶ୍ୱର ବାଙ୍କି ପ୍ରତିପକ୍ଷ ଯାଜପୁର ଛତିଆକୁ ୫ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଛତିଆ ଦଳ ୧୯.୩ ଓଭରରେ ୧୫୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଚନ୍ଦନ ସିଂ ୨୧ ବଲରୁ ସର୍ବାଧିକ ୬୨ରନ୍ କରିଥିଲେ। ଜବାବରେ ଦିଶା ବୈଦେଶ୍ୱର ୧୫.୪ ଓଭରରେ ୫ ଉଇକେଟ ବିନିମୟରେ ୧୫୬ ରନ୍ କରି ବିଜୟୀ ହୋଇଥିଲା। ୩୪ବଲ୍‌ରୁ ୫୧ ରନ୍ କରିଥିବା ବିଜୟୀ ଦଳର ସୁଶାନ୍ତ ସୁବୁଦ୍ଧି 'ମ୍ୟାନ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ସେହିପରି ଜଗନ ବେହେରା ୪ ଓଭରରେ ୧୧ ରନ୍ ଦେଇ ୩ ଉଇକେଟ ନେଇଥିଲେ। ବିକାଶ ସାମଲ, ବିମଳ ରାଉତ ମ୍ୟାଚ୍ ପରିଚାଳନା କରିଥିବାବେଳେ ବିଜନ ମିଶ୍ର ଧାରାବିବରଣୀ ଦେଇଥିଲେ।

### ବ୍ରଜନାଥ ବଡ଼ଜେନା କ୍ରିକେଟ: ତାଳବରକୋଟ ଚାମ୍ପିୟନ



**ଢେଙ୍କାନାଳ ଅଫିସ,୧୭।୧-** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାବେରା ଖେଳପଡ଼ିଆରେ ଚାଲିଥିବା ୨୨ତମ ବ୍ରଜନାଥ ବଡ଼ଜେନା କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଷଡ଼ଙ୍ଗୀକୁ ହରାଇ ତାଳବରକୋଟ ଚାମ୍ପିୟନ ହୋଇଛି। ତାଳବରକୋଟ ପ୍ରଥମେ ବ୍ୟାଟିଂ କରି ୧୮୯ ରନ୍ କରିଥିବାବେଳେ ଷଡ଼ଙ୍ଗୀ ୧୩୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମହାନ୍ତି, ସମାଜିକ କର୍ମୀ ମନୋରଞ୍ଜନ ମହାନ୍ତି, ହେମନ୍ତ ରାଉଳ, ବ୍ରହ୍ମାନନ୍ଦ ନାୟକ, ଉପେନ୍ଦ୍ର ଦାସ, ଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। କ୍ଲବର କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

### ଫାଇନାଲରେ ମାର୍ଥାପୁର

**ଭୁବନ,୧୭।୧(ଡି.ଏନ.ଏ.):** ଭୁବନ ବ୍ଲକ ସୁରପ୍ରତାପପୁରରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ବାଲିବୋକୁ ହରାଇ ମାର୍ଥାପୁର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବାଲିବୋ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୬୬ ରନ୍ କରିଥିଲା। ସନ୍ତୋଷ ବାରିକ ସର୍ବାଧିକ ୫୩ ରନ୍ କରିଥିଲେ। ଜବାବରେ ମାର୍ଥାପୁର ୧୯ ଓଭରରେ ୪ ଉଇକେଟ ହରାଇ ୧୭୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ୫୬ ରନ୍ କରିଥିବା ବିଜୟୀ ଦଳର ସବ୍ୟସାଚୀ ଦାସ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷିତ ହୋଇଥିଲେ। ସୁଶାନ୍ତ କୁମାର ନାୟକ, ରଣଜିତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ଅଶେଷ କୁମାର ଓଝା ଧାରା ବିବରଣୀ ପ୍ରଦାନ କରିଥିଲେ।

---

## ■ ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

# ଗର୍ଜିଲା ଆଞ୍ଚଳିକ ଦଳିତ ମହାସଂଘ

**ପରଜଙ୍ଗ, ୧୭।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାବାସାହେବ ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣା ପ୍ରତିବାଦରେ ଗର୍ଜିଛି ଆଞ୍ଚଳିକ ଦଳିତ ମହାସଂଘ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ବ୍ଲକ ଅଫିସ ସମ୍ମୁଖରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଡିସେମ୍ବର ୨୯ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିଲେ। ରବିବାର ସକାଳେ ଘଟଣା ଜଣାପଡ଼ିବା ପରେ ସମ୍ପାଦକ ସଦାନନ୍ଦ ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ସରକାରୀ ଜମିରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବାରୁ ଥାନାଧିକାରୀ ଏହାର କୈଫିୟତ ମାଗିଥିଲେ। ଏପରିକି ଘଟଣାକୁ ୨୦ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୋଲିସ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ଗୁରୁବାର ଏକ ରାଲି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ କର୍ମକର୍ତ୍ତାମାନେ ନାରାବାଜି କରିଥିଲେ। ଅଭିଯୁକ୍ତଙ୍କ ଗିରଫ ଏବଂ ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପନ କରିବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅମ୍ରିତ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



ଆଞ୍ଚଳିକ ଦଳିତ ମହାସଂଘର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

■ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ
■ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପ୍ରତିବାଦ ସଭାରେ ଆମ୍ବେଡ୍କର ବିଚାର ମଞ୍ଚ ରାଜ୍ୟ ସଭାପତି ସଂଗ୍ରାମ ମଲ୍ଲିକ, ଜିଲା ଦଳିତ ମହାସଂଘ ସଭାପତି ଅନ୍ତର୍ଯ୍ୟାମୀ ନାଏକ, ପୂର୍ବତନ ଜିଲା ସଭାପତି ଅରୁଣ ମଲ୍ଲିକ, ଆଞ୍ଚଳିକ ଦଳିତ ସଂଘ ସଭାପତି ସଦାଶିବ ମଲ୍ଲିକ, ସମ୍ପାଦକ ଅଜୟ ମଲ୍ଲିକ ପ୍ରମୁଖ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ। ଏ ନେଇ ଥାନାଧିକାରୀ ଜିତେନ୍ଦ୍ରନାଥ ସାହୁ କୁହନ୍ତି, ବେଆଇନ ଭାବେ ସରକାରୀ ଜମିରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଘଟଣାର ଷ୍ଟେଶନ ଡାଏରି ହୋଇଛି। ପୋଲିସ ପକ୍ଷରୁ ଏହାର ତଦନ୍ତ କରାଯାଉଛି।

---

### ରସାସିଂ ଜଙ୍ଗଲରେ ୪୬ ହାତୀ

## ବୃଦ୍ଧଙ୍କୁ କଚାଡ଼ିଦେଲା ଦନ୍ତା

**ଢେଙ୍କାନାଳ ଅଫିସ,୧୭।୧**

ଢେଙ୍କାନାଳ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅଞ୍ଚଳରେ ପୁଣି ଥର ଦେଖାଦେଇଛି ହାତୀ ଉପଦ୍ରବ। ଗୁରୁବାର ହାତୀ ଆକ୍ରମଣରେ ରସାସିଂହ ଗ୍ରାମର ବୃଦ୍ଧ ଗୌରାଙ୍ଗ ସ୍ୱାଇଁ (୭୦) ଗୁରୁତର ହୋଇଛନ୍ତି। ଗୌରାଙ୍ଗ ସକାଳେ ୭ଟାରେ ରସାସିଂ ଗ୍ରାମ ଦେଇ ଜଙ୍ଗଲକୁ ଯାଉଥିବାବେଳେ ଏକ ଦନ୍ତାହାତୀ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ବନ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ସେହିପରି ସରସ୍ୱତୀ ଦେହୁରୀ (୫୦), ତାଙ୍କ ଝିଅ ଅତିଶ୍ରୀବାଳା ମହାନ୍ତି ସଦାଶିବପୁର ଷ୍ଟେଶନ ରେଳଧାରଣା ଦେଇ ଯାଉଥିବା ବେଳେ ଉଭୟଙ୍କୁ ହାତୀ ଗୋଡ଼ାଇଥିଲା। ଜୀବନ ବିକଳରେ ସେମାନେ ଦୌଡ଼ି ପଳାଉଥିବାବେଳେ ପଡ଼ିଯାଇ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ଉଲ୍ଲେଖଯୋଗ୍ୟ, ଗୁରୁବାର ପରଜଙ୍ଗ ବ୍ଲକ ଡିହଡୋଳ ଅଞ୍ଚଳରୁ ବ୍ରାହ୍ମଣୀ ନଦୀ ପାର ହୋଇ ୪୬ଟି ହାତୀ ମଠରଗଡ଼ି ଜଙ୍ଗଲକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ୬ ଦନ୍ତା, ୩୬ ମାଈ ହାତୀ ଏବଂ ୪ ଶାବକ ରହିଛନ୍ତି। ସକାଳୁ କୁହୁଡ଼ି ପଡୁଥିବାରୁ ଗ୍ରାମବାସୀଙ୍କୁ ସାବଧାନର ସହ ଯାତାୟାତ କରିବାକୁ ବନ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

---

### ■ କାଠ ଚାଲାଣକାରୀଙ୍କୁ ଅନୁକମ୍ପା

## ବଦଳିଲେ ଦଦରାଘାଟି ଫରେଷ୍ଟର

**ପରଜଙ୍ଗ, ୧୭।୧(ଡି.ଏନ୍.ଏ.)**

ଚୋରା କାଠ ଚାଲାଣକାରୀଙ୍କୁ ଅହେତୁକ ଅନୁକମ୍ପା ଦେଖାଇବା ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଦଦରାଘାଟି ଫରେଷ୍ଟର ରାମଚନ୍ଦ୍ର ରାଉତଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଡିହଡୋଳ ସେକ୍ସନକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଡିହଡୋଳ ସେକ୍ସନର ଫରେଷ୍ଟର ବିଶ୍ୱନାଥ ସୋରେନ୍‌ଙ୍କୁ ନିଯୁକ୍ତି ଦିଆଯାଇଛି।

ଏ ସଂକ୍ରାନ୍ତରେ ରେଞ୍ଜର ହରମୋହନ ନାୟକ କୁହନ୍ତି, କୁଲେଇ ଅଞ୍ଚଳରୁ ରେଙ୍ଗାଳି ବାମ କେନାଲ ରାସ୍ତା ଦେଇ ତାଳଚେରକୁ ଏକ ଶଗଡ଼ରେ ଶାଳ କାଠ ଚାଲାଣ କରାଯାଉଥିବା ସୂଚନା ମିଳିବା ପରେ ଫରେଷ୍ଟର ରାମଚନ୍ଦ୍ର ରାଉତ, ହାତୀ ସ୍କାଡ୍ କର୍ମଚାରୀ ସୁରଥ ଜେନା ମଙ୍ଗଳବାର ରାତିରେ ସଦଳବଳ ଚଢ଼ାଉ କରିଥିଲେ। ଏହି ସମୟରେ ଚୋରା କାଠ ଚାଲାଣରେ ସମ୍ପୃକ୍ତ କୁଲେଇ ଗ୍ରାମର ଉଚ୍ଛବାନନ୍ଦ ଜେନା ହାତୀ ସ୍କାଡ୍ କର୍ମଚାରୀ ସୁରଥ ଜେନାଙ୍କୁ ମାଡ଼ ମାରିଥିଲେ। ଏଥିସହ ଚଢ଼ାଉରେ ସାମିଲ କର୍ମଚାରୀଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲେ। ଏ ନେଇ ଫରେଷ୍ଟରଙ୍କ ଅଭିଯୋଗକୁ ଭିତ୍ତିକରି ଫାଣ୍ଡିରେ କେସ୍ ନଂ.୧୭/୧୯, ଦଫା ୩୪୧, ୨୯୪, ୩୨୩, ୩୫୩, ୫୦୬ରେ ମାମଲା ରୁଜୁ କରାଯାଇଛି। ଏଥିସହ ଫରେଷ୍ଟରଙ୍କ ଅଭିଯୋଗକ୍ରମେ ରେଞ୍ଜ୍ କାର୍ଯ୍ୟାଳୟରେ ଉଚ୍ଛବାନନ୍ଦଙ୍କ ସମେତ ତାଙ୍କ ସହଯୋଗୀ ଶରତ ବିଶ୍ୱାଳ, ପପୁ ଜେନା, ଜୟନାରାୟଣ ଜେନାଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ତେବେ ଖୋଳତାଡ଼ ବେଳେ ଉଚ୍ଛବାନନ୍ଦ ଫରେଷ୍ଟର ରାମଚନ୍ଦ୍ରଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଥିଲା। ହାତୀ ସ୍କାଡ୍‌ଙ୍କ ହାତରେ ଧରାପଡ଼ିବା ପରେ ଫରେଷ୍ଟର ତାଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଛାଡ଼ିଦେବାକୁ କହିଥିଲେ। ଏହାପରେ ଉଚ୍ଛବାନନ୍ଦ ଫରେଷ୍ଟରଙ୍କ ଉପସ୍ଥିତିରେ ହାତୀସ୍କାଡ୍ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ଥାନା ପର୍ଯ୍ୟନ୍ତ ଯାଇଥିଲା। ତେବେ ଏହାକୁ ରଫାଦଫା କରିବାକୁ ଉଦ୍ୟମ କରାଯାଇଥିଲା। ତଦନ୍ତ ପରେ ସମସ୍ତ ଘଟଣାବଳୀ ସମ୍ପର୍କରେ ଡିଏଫ୍‌ଓଙ୍କୁ ଅବଗତ କରାଯାଇଥିଲା। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶପରେ ତାଙ୍କୁ ବଦଳି କରାଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।

ଅଭିଯୁକ୍ତମାନେ ଘଟଣାସ୍ଥଳରୁ କାଠ ଭର୍ତ୍ତି ଶଗଡ଼ ଛଡ଼ାଇ ନେଇଥିଲେ। ପରେ ରାତାରାତି ସେସବୁକୁ ଆଣି ସେକ୍ସନ କାର୍ଯ୍ୟାଳୟ ଆଗରେ ପକାଇ ଦେଇଛନ୍ତି। ଉକ୍ତ କାଠ ଜବତ କରାଯାଇଛି। ମାମଲା ଆଧାରରେ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ମାଗୁଣୀ ଗଡ଼ନାୟକ ସୂଚନା ଦେଇଛନ୍ତି।

---

### ■ କୃଷକ ସମାଜ ବାର୍ଷିକ ଉତ୍ସବ

## 'କାଳିଆ'ରୁ ବଞ୍ଚିତ ସହରାଞ୍ଚଳ ଚାଷୀ



କାର୍ଯ୍ୟକ୍ରମରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**ଭୁବନ,୧୭।୧(ଡି.ଏନ.ଏ.)**

ଭୁବନ କୃଷକ ସମାଜର ୨୦ତମ ବାର୍ଷିକ ଉତ୍ସବ ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ ଗୁରୁବାର ପାଳିତ ହୋଇଯାଇଛି। ସଭାପତି ବାସୁଦେବ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଚାଷୀ ଓ ଚାଷର ବିକାଶ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି କୃଷିଭିତ୍ତିକ ଯୋଜନା 'କାଳିଆ'। ତେବେ ସହରାଞ୍ଚଳର ଚାଷୀଙ୍କୁ ଏହି ବହୁମୁଖୀ ଯୋଜନାରେ ସାମିଲ କରାଯାଉନାହିଁ। ଏ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲାର ସଫଳ ଚାଷୀ ବାବୁଲି ସାହୁ, ସମ୍ମାନିତ ଅତିଥି ଅନୁଗୋଳ ସମବାୟ ବ୍ୟାଙ୍କ ଲିଗାଲ ସେଲ ସଦସ୍ୟ ଗିରିଜା ମହାନ୍ତି ଓ ସାମାଜିକକର୍ମୀ ସୁଧାକର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସରକାରଙ୍କ ପକ୍ଷରୁ ଆସିଥିବା ମୁଗବିହନ ଚାଷୀଙ୍କୁ ବଣ୍ଟାଯାଇଥିଲା। ଏଥିସହ ଚାଷୀ ବାବାଜୀ ପୃଷ୍ଟି, ଜଗନ୍ନାଥ ସାହୁ, ଦିଲୀପ ଚିନ୍ନାରା, ଘନଶ୍ୟାମ ମାଝି, ଭଗବାନ ବସନ୍ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଚାଷୀ ସମାଜର ମୁଖପତ୍ର ଉନ୍ମୋଚନ କରିଥିଲେ। ଭୁବନ ବ୍ଲକ ଓ ଏନ୍‌ଏସିର ଶତାଧିକ ଚାଷୀ ଉପସ୍ଥିତ ରହି ଆଞ୍ଚଳିକ ସମସ୍ୟା ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ଦିଲୀପ ଦାସ, ଉପସଭାପତି ଶ୍ରୀଧର ବେହେରା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର, ସହସମ୍ପାଦକ ମଳୟ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

---

## ସଚେତନ ନ ହେଲେ ବିଲୁପ୍ତ ହୋଇଯିବେ ଜଳଚର ଜୀବ

**ଢେଙ୍କାନାଳ ଅଫିସ, ୧୭।୧**

ଢେଙ୍କାନାଳ ସହର ଗଣେଶବଜାରସ୍ଥିତ ଇଟେକ୍ ଆବାସିକ ଡିଗ୍ରୀ କଲେଜରେ 'ସମୁଦ୍ରରେ ଜୀବନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେରଳର କୋଚିସ୍ଥିତି ସାମୁଦ୍ରିକ ବିଜ୍ଞାନୀ ଡ. ଅଶ୍ୱିନୀ କୁମାର ନାୟକ ଏହାକୁ ଉଦ୍‌ଘାଟନ କରି କହିଲେ, ବିଜ୍ଞାନର ଅଗ୍ରଗତି ପୃଥିବୀବାସୀଙ୍କୁ ବରଦାନ ସାବ୍ୟସ୍ତ ହୋଇଛି। ହେଲେ ବୈଜ୍ଞାନିକ ପରୀକ୍ଷଣର କୁପ୍ରଭାବ ସାମୁଦ୍ରିକ ଜୀବଙ୍କୁ ବ୍ୟାପକ ମାତ୍ରାରେ କ୍ଷତି ପହଞ୍ଚାଉଛି। ଏ ଦିଗରେ ଏବେଠୁ ସଚେତନ ନ ହେଲେ ଅନେକ ଜଳଚର ଜୀବ ବିଲୋପ ହୋଇଯିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ମନୋଜ ରାଉତ କହିଲେ, ବୈଜ୍ଞାନିକ ଆବିଷ୍କାର ମନୁଷ୍ୟ ଜୀବନଶୈଳୀକୁ ଯେତିକି ସରଳ କରିଛି, ସେତିକି ପରିବେଶ ସନ୍ତୁଳନ ମଧ୍ୟ ବିଗାଡ଼ିବାରେ ଲାଗିଛି। ସବୁଜ ଗ୍ରହର ସୁରକ୍ଷା ପାଇଁ ସବୁସ୍ତରରୁ ଚିନ୍ତା କରିବାର ସମୟ ଆସିଛି ବୋଲି ସେ କହିଥିଲେ। କଲେଜର ଅଧ୍ୟକ୍ଷ ଡ. ସୁରେଶ ମିଶ୍ର କହିଲେ, ନିଷ୍ଠା ଓ ନିରନ୍ତର ସାଧନା ଜାରି ରଖିଲେ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ସଫଳ ବୈଜ୍ଞାନିକ ହୋଇପାରିବେ। ଅନୁଷ୍ଠାନର ଡିନ୍ ଡ. ସୁନୀଲ ମହାନ୍ତ ଧନ୍ୟବାଦ ଦେଇଥିଲେ।

---

### ■ ରାଧାଗୋବିନ୍ଦ ଗୋଶାଳାରେ ସୁରଭି ଯଜ୍ଞ

## ସତ୍‌ମାର୍ଗରେ ଯିବାକୁ ଆହ୍ୱାନ



ସୁରଭି ଯଜ୍ଞରେ ଯୋଗ ଦେଇଥିବା ସାଧୁସନ୍ଥ ଓ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୧୭।୧**

ଢେଙ୍କାନାଳ ସଦର ବ୍ଲକ କଣ୍ଟେଇକୋଳିଆସ୍ଥିତ ଶ୍ରୀକଳ୍ପତରୁ ଗୁରୁକୁଳ ଆଶ୍ରମ ରାଧାଗୋବିନ୍ଦ ଗୋଶାଳା ପରିସରରେ ୩ଦିନିଆ ସୁରଭି ଯଜ୍ଞ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅହୋରାତ୍ର ନାମ ସଂକୀର୍ତ୍ତନ, ସୂର୍ଯ୍ୟପୂଜା, ଗୋପୂଜା, ଭାଗବତ କଥା ପ୍ରବଚନ, ଯଜ୍ଞ ଆୟୋଜିତ ହୋଇଥିଲା। ଦେଶର ବିଭିନ୍ନ ମଠ, ମନ୍ଦିରରୁ ସାଧୁସନ୍ଥମାନେ ଏଥିରେ ଯୋଗଦେଇଥିଲେ। ଅବକ୍ଷୟମୁଖୀ ସମାଜକୁ ସତ୍‌ମାର୍ଗରେ ନେବାକୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲ। ପୁରୀ ମୁକ୍ତିମଣ୍ଡପର ପଣ୍ଡିତମାନଙ୍କ ଦ୍ୱାରା ସୁରଭି ଯଜ୍ଞ ସମ୍ପନ୍ନ ହୋଇଥିଲା।

ଏହି ଅବସରରେ ହରିହରାନନ୍ଦ ଗୁରୁକୁଳ ଆଶ୍ରମର ଶ୍ରୀକୃଷ୍ଣାନନ୍ଦ ଗିରି, ଶ୍ରୀବିଜ୍ଞାନାନନ୍ଦ ଗିରି, ଭାଗବତ ଆଶ୍ରମର ବାବାଜୀ ବ୍ରଜବନ୍ଧୁ ଦାସ, ବାବାଜୀ ବିପିନ ବାହିରୀ ଦାସଜୀ ମହାରାଜ, ଶ୍ୟାମସୁନ୍ଦର ମଠ ପଣ୍ଡିତ ବାବାଜୀ ରାଧାଚରଣ ଦାସ, ବାବାଜୀ ଯଶୋଦାନନ୍ଦନ ଦାସ ପ୍ରମୁଖଙ୍କୁ ଆଶ୍ରମ ପକ୍ଷରୁ ଅଙ୍ଗବସ୍ତ୍ର, କମ୍ବଳ, ପୁଷ୍ପଗୁଚ୍ଛ ଦେଇ ଚରଣ ବନ୍ଦନା କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ୧୦୮ ଭକ୍ତଙ୍କ ଦ୍ୱାରା ଆୟୋଜିତ ହରିହାଟରେ ୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନଗର ପରିକ୍ରମା କରିଥିଲେ।

ଆଶ୍ରମ ପରିଚାଳକ ବାବାଜୀ ମୁରାରୀ ଦାସ, କଳ୍ପତରୁ ସେବାଶ୍ରମ କର୍ମକର୍ତ୍ତା, ରାଧାଗୋବିନ୍ଦଜୀଉ ଗୋଶାଳାର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଶିଶୁମନ୍ଦିରରେ ଆନ୍ତଃବିଦ୍ୟାଳୟସ୍ତରୀୟ ତର୍କ, ଗୀତା ଆବୃତ୍ତି, ଭାଗବତ ଆବୃତ୍ତି, ଭଜନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

---

### ■ ଘର ନ ପାଇ ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟା ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

**ଖୋର୍ଦ୍ଧା ଅଫିସ/ ନିରାକାରପୁର,୧୭।୧(ଡି.ଏନ.ଏ.)**

ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ନ ପାଇ ବୁଧବାର ଆତ୍ମହତ୍ୟା କରିଥିଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ନିରାକାରପୁର ସାହିର ଲକ୍ଷ୍ମୀଧର ବେହେରା ଓରଫ ଲକ୍ଷୀ (୩୫)। ଗୁରୁବାର ଏହି ସ୍ୱର୍ଶକାତର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର। ଲକ୍ଷ୍ମୀଧରଙ୍କ ମୃତ୍ୟୁର କାରଣ, ମୃତ୍ୟୁ ପୂର୍ବରୁ ଭିଡିଓ ଭାଇରାଲ୍ ଓ ଲାଞ୍ଚ ମଗାଯିବା ଘଟଣା ସମ୍ପର୍କରେ ଉପଜିଲାପାଳ ତଦନ୍ତ କରିବେ ବୋଲି ସେ କହିଛନ୍ତି। ଏପଟେ ନିରାକାରପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଗୁରୁବାର ରାତିରେ ମୃତ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣାକୁ ଭିନ୍ନ ରୂପ ଦେବାକୁ ଚକ୍ରାନ୍ତ ଚାଲିଥିବା ଚର୍ଚ୍ଚା ହେଉଛି।

ମୃତ ଲକ୍ଷ୍ମୀଧରଙ୍କ ସ୍ତ୍ରୀ କୁମାରୀ ବେହେରା କହିଛନ୍ତି, ସ୍ୱାମୀ ବିଏ ପାସ୍ କରିଥିଲେ ମଧ୍ୟ ଚାକିରି ନ ପାଇ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟ ଦୁଇ ଜଣ ପିଲାଙ୍କ ପାଠପଢ଼ା, ଖାଇବା ଖର୍ଚ୍ଚକୁ ଟଙ୍କା ପାଏନି। ଦେଢ଼ ଲକ୍ଷ କରଜ ଟଙ୍କା ଓ ପରିବାର ବୋଝ ସମ୍ଭାଳିବା ଚିନ୍ତାରେ ସେ ସବୁବେଳେ ରହୁଥିଲେ। ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳିବ ବୋଲି ୧୫ ଦିନ ତଳେ ଲକ୍ଷ୍ମୀଧର ଜାଣିଥିଲେ। କେହି ତାଙ୍କ ସ୍ୱାମୀଙ୍କୁ ମଦ ଦେଇ ଭିଡିଓ ଭାଇରାଲ କରାଇ ମାରି ଦେଇଛନ୍ତି ବୋଲି କୁମାରୀ କହିଛନ୍ତି। ମାତ୍ର କୁମାରୀ ଅପରାହ୍ନରେ ଗଣମାଧ୍ୟମକୁ ଏକଥା କହିଥିବାବେଳେ ରାତିରେ ଥାନାରେ ଭିନ୍ନ ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସ୍ୱାମୀ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ନିଜ ଜମି ସହ ଅନ୍ୟଲୋକଙ୍କ ଜମି ଆଣି ଭାଗ ଚାଷ କରନ୍ତି। ଏଥିପାଇଁ ଧାର କରଜ କରିଥିଲେ। ବିଭିନ୍ନ କାରଣରୁ ଫସଲ ନଷ୍ଟ ହେବାରୁ କରଜ ଶୁଝି ପାରୁ ନ ଥିଲେ। ୧୬ ତାରିଖରେ ନିଜ ବିଲରେ ବିଷ ପିଇ ପଡିଥିବା ଜାଣିବା ପରେ ପୋଲିସକୁ ଖବର ଦେବା ସହ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନେଇଥିଲୁ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏଣୁ ଋଣ ଚାପରେ ସେ ଆତ୍ମହତ୍ୟା କରିଛନ୍ତି। ଏହାର ତଦନ୍ତ କରାଯାଇ ସରକାରୀ ସହାୟତା ପ୍ରଦାନ କରିବାକୁ ସେ ଅଭିଯୋପତ୍ରରେ ଉଲ୍ଲେଖ କରିଛନ୍ତି।

ନିରାକାରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାଶରଥି ପ୍ରତିହାରୀ କୁହନ୍ତି, ୧୮ ତାରିଖ ପିଠା କାର୍ଯ୍ୟକ୍ରମରେ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ଦିଆଯିବ ବୋଲି ଲକ୍ଷ୍ମୀଧରଙ୍କୁ କୁହାଯାଇଥିଲା। ତେବେ ସେ ଆତ୍ମହତ୍ୟା କାହିଁକି କଲେ ତାହା ମୁଁ କହିପାରିବିନି।

■ ଥାନାରେ ଅଭିଯୋଗ କଲେ ଲକ୍ଷ୍ମୀଧରଙ୍କ ସ୍ତ୍ରୀ
■ କରଜ ଓ ପରିବାର ଚଳାଇବା ଚିନ୍ତାରେ ଥିଲେ
■ ମାମଲା ବଦଳାଇବାକୁ ଚାଲିଛି ଚକ୍ରାନ୍ତ

---

## ୨ ଦୋଷୀଙ୍କୁ ୨୦ବର୍ଷ ଲେଖାଏ ଜେଲ୍

**ବାଲେଶ୍ୱର ଅଫିସ, ୧୭।୧**

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ କମ୍ ପୋକ୍‌ସୋ ସ୍ୱେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ଗୁରୁବାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସନାତନ ମଣ୍ଡଳ (୨୬) ଏବଂ ବିକ୍ରମ ମାଝି (୨୦)। ଉଭୟଙ୍କୁ ୨୦ବର୍ଷ ଲେଖାଏ ଜେଲ୍ ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଆଉ ୩ମାସ ଜେଲ୍ ଭୋଗିବାକୁ ରାୟରେ କୁହାଯାଇଛି।

ଜଳେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ବାପା ବାହାରେ ରହୁଥିବା ବେଳେ ସେ ତାଙ୍କ ଆଈଙ୍କ ପାଖରେ ରହୁଥିଲେ। ଏହାର ସୁଯୋଗରେ ସନାତନ, ବିକ୍ରମ ୨୦୧୬ ଜାନୁୟାରୀ ୧ ସନ୍ଧ୍ୟାରେ ନାବାଳିକାଙ୍କୁ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ୩୧ ତାରିଖ ସନ୍ଧ୍ୟାରେ ସନାତନ ଓ ବିକ୍ରମ ନାବାଳିକାଙ୍କୁ ଛୁରି ଦେଖାଇ ବାରମ୍ବାର ବଳାତ୍କାର କରିଥିଲେ। ଫେବୃୟାରୀ ୯ରେ ନାବାଳିକାଙ୍କ ପିତା ଘରକୁ ଆସିବା ପରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

---

## ବଂଶୀଧର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ,୧୭।୧**

ଢେଙ୍କାନାଳ ସଦର ବ୍ଲକ ଭାଲିଆବୋଲକାଟେଣୀ ପଞ୍ଚାୟତସ୍ଥିତ ବଂଶୀଧର ଉଚ୍ଚ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଶଟ୍‌ପୁଟ୍, ଡିସ୍‌କସ୍ ଥ୍ରୋ, ମ୍ୟୁଜିକ୍ ଚେୟାର, ସ୍ଲୋ ସାଇକେଲ୍ ରେସ୍, ଫ୍ରଗ୍ ଜମ୍ପ, ନୃତ୍ୟ, ସଙ୍ଗୀତ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ସରପଞ୍ଚ ସୁଭଦ୍ରା ବିଶ୍ୱାଳ, ସ୍କୁଲ କମିଟି ସଦସ୍ୟ ସଞ୍ଜୟ ପଣ୍ଡା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ଗଗନ ବିହାରୀ ସେନାପତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ସରପଞ୍ଚ ବିଶ୍ୱନାଥ ପ୍ରତିହାରୀ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୀପ ବେହେରା, ମହେଶ୍ୱର ସାହୁ, ମେଘାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**ସଂକ୍ଷେପରେ**

## ଲୁଟ୍ ଅଭିଯୋଗରେ ୨ ଗିରଫ

**କଣିହାଁ,୧୭।୧(ଡି.ଏନ.ଏ):** କଣିହାଁ ବ୍ଲକ ସମଲ ଥାନା ପୋଲିସ ଲୁଟ୍ ଓ ମାଡପିଟ୍ ଘଟଣାରେ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସୁନୀଲ କର କହିଛନ୍ତି, ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଜକା ଗ୍ରାମର ଜଗନ୍ନାଥ ସାହୁ ମଙ୍ଗଳବାର କୁଲେଇ ଗ୍ରାମରେ ମକର ଉତ୍ସବ ଦେଖିବାକୁ ଯାଇ ବାହାରେ ହେଲମେଟ ସହିତ ବାଇକ ରଖିଥିଲେ। ହେଲେ ସେଠାରୁ ଫେରିବେଳେ ତାଙ୍କର ହେଲମେଟ ନ ଥିବା ଦେଖିବାକୁ ପାଇଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମର ବାଜିଆ ମହାନ୍ତି, ଟୁଲୁ ମହାନ୍ତି ତାଙ୍କ ହେଲମେଟ ନେଇଥିବା ଜଗନ୍ନାଥ ଅଭିଯୋଗ କରିଥିଲେ। ବୁଧବାର ପ୍ରାୟ ରାତି ୧୦ଟାରେ ଜଗନ୍ନାଥ କୁଲେଇ ଢାବାକୁ ଖାଇବାକୁ ଯାଇଥିବାବେଳେ ବାଜିଆ ଓ ଟୁଲୁ ସେଠାରେ ପହଞ୍ଚି ହେଲମେଟ ବିଷୟରେ ପଚାରିବାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଉଭୟେ ଜଗନ୍ନାଥଙ୍କୁ ମାଡ଼ ମରିବା ସହ ୧୧୭୦ ଟଙ୍କା ଲୁଟି ନେଇଥିଲେ। ଏ ନେଇ ନଂ. ୧୦/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାସହ ଚୋରି ଟଙ୍କା, ହେଲମେଟ ଓ ମୋବାଇଲ ଜବତ କରାଯାଇଛି।

## ସମ୍ବଲପୁର ଏମ୍‌ସିସି ବିଜୟୀ

**ପବିତ୍ରନଗର,୧୭।୧(ଡି.ଏନ.ଏ):** କଣିହାଁ ବ୍ଲକ ପବିତ୍ରନଗରଠାରେ ଚାଲିଥିବା ପବିତ୍ରନଗର କପ କ୍ରିକେଟ୍ ଟୁର୍ନାମେଣ୍ଟର ୩ୟ ଲିଗ୍ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱର ଶହୀଦ ସ୍ପୋର୍ଟିଂକୁ ହରାଇ ସମ୍ବଲପୁର ଏମ୍‌ସିସି ବିଜୟୀ ହୋଇଛି। ପ୍ରଥମେ ସମ୍ବଲପୁର ବ୍ୟାଟିଂ କରି ୨୪୦ ରନ କରିଥିଲା। ଜବାବରେ ଶହୀଦ ସ୍ପୋର୍ଟିଂ ୧୨୯ ରନ କରି ପରାସ୍ତ ହୋଇଥିଲା। ତରୁଣ ସ୍ୱାଇଁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପରାବିଲ ସେବା ସମବାୟ ସମିତି ସଭାପତି ସୁବାସ ମହାନ୍ତି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଇଂ. ଧନେଶ୍ୱର ସାହୁ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ।

## ଜନଧନ ଯୋଜନା ଉପରେ ସଚେତନତା

**ଛେଣ୍ଡିପଦା,୧୭।୧(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ଚକ୍ରଧରପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ଜନଧନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ନେହେରୁ ଯୁବକେନ୍ଦ୍ର ଓ ମା' ଗ୍ରାମେଶ୍ୱରୀ କ୍ଲବର ମିଳିତ ଆୟୋଜନରେ ଏହି ଶିବିରରେ ୬୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ। କ୍ଲବ ସଭାପତି ସାରଥି ପ୍ରଧାନ, ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଛେଣ୍ଡିପଦା ବ୍ଲକ ସଂଯୋଜକ ରାମଚନ୍ଦ୍ର ସାହୁ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରାଇଥିଲେ।

## ବାର୍ଷିକ ତ୍ରିନାଥ ମେଳା ବୈଠକ

**ଅନୁଗୋଳ ଅଫିସ, ୧୭।୧:** ବିଜୟ ନଗର ତାମ୍ରିତ କଲୋନୀ ଲକ୍ଷ୍ମୀପୂଜା ମଣ୍ଡପ ଠାରେ ଚତୁର୍ଥ ବାର୍ଷିକ ତ୍ରିନାଥ ମେଳା ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଜାର କମିଟି ପ୍ରତିଷ୍ଠାତା ରଞ୍ଜନ କୁମାର ଦାସ ଓ ଉପଦେଷ୍ଟା ଭବାନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଫେବୃୟାରୀ ୧୮ ତାରିଖରେ ତ୍ରିନାଥ ମେଳା ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବଜାର କମିଟିର ସଭାପତି ଶିବାନନ୍ଦ ଦାସ, ସାଧାରଣ ସମ୍ପାଦକ ଅନିଲ କୁମାର ମିଶ୍ର, ଉପସଭାପତି ସୁବ୍ରତ କୁମାର ଦାସ, କୋଷାଧକ୍ଷ ସଦାଶିବ ବେହେରା ଓ ବଜାରର ସମସ୍ତ ସଦସ୍ୟା, ସଦସ୍ୟମାନଙ୍କୁ ନେଇ ଏହି ମେଳା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଶେଷରେ ସୁରେଶ ପ୍ରଧାନ, ଖଗେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବଇଣ୍ଡା,୧୭।୧(ଡି.ଏନ.ଏ):** କିଶୋରନଗର ବ୍ଲକ ହଣ୍ଡପା ମହାନଦୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର କର ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଦିଗାମ୍ବର ପ୍ରଧାନ, ଦିଲୀପ କୁମାର ସାହୁ, ଅଭୟ ସାହୁ, ଲକ୍ଷେଶ୍ୱର ବେହେରା, ଜିତେନ୍ଦ୍ର ପ୍ରଧାନ, ସୁମିତ୍ରା ରାଉତରାୟ, କୁମାରୀ ସୁନିଷ୍ଠା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିକ୍ଷୟିତ୍ରୀ ମିନତୀ ପ୍ରଧାନ, ନିରଞ୍ଜନ ସାହୁ, ବାବାଜୀ ନାୟକ, ଅନନ୍ତ ଚରଣ ଧଳ ପରିଚାଳନା କରିଥିଲେ।

### କାର୍ଯ୍ୟକାରୀ ହେଉନି ଆର୍‌ପିଡିଏସି ନିଷ୍ପତ୍ତି

# ବୈଠକ ବର୍ଜନ କଲେ ଲୋକ ପ୍ରତିନିଧି

**ଅନୁଗୋଳ ଅଫିସ,୧୭।୧**



ବୈଠକ ବର୍ଜନ କରି ଫେରୁଛନ୍ତି ବିଧାୟକ ମହେଶ ସାହୁ, ଏମ୍‌ପି ତଥାଗତ ସତପଥୀ।

**■କ୍ଷତିଗ୍ରସ୍ତଙ୍କ ସମସ୍ୟାକୁ ଅଣଦେଖା**

**■ଏନ୍‌ଟିପିସି ଉପରେ ବର୍ଷିଲେ ବିଧାୟକ, ଏମ୍‌ପି**

ଆର୍‌ପିଡିଏସି ବୈଠକରେ ହୋଇଥିବା ନିଷ୍ପତ୍ତିକୁ ଏନ୍‌ଟିପିସି କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରୁନାହାନ୍ତି। ଗୁରୁବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ୮ମ ଆର୍‌ପିଡିଏସି ବୈଠକରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜନ ପ୍ରତିନିଧି। ସେମାନେ କମ୍ପାନୀର କାର୍ଯ୍ୟାବଳୀକୁ ଖୋଲାଖୋଲି ବିରୋଧ କରିବା ସହ ବୈଠକ ବର୍ଜନ କରିଛନ୍ତି।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏନ୍‌ଟିପିସିର ୮ମ ଆର୍‌ପିଡିଏସି ବୈଠକ ବସିଥିଲା। ଏଥିରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ମହେଶ ସାହୁ, ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରମୁଖଙ୍କ ସମେତ ଜିଲାପାଳ ଅନିଲ କୁମାର ସାମଲ, ଏନ୍‌ଟିପିସି କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ବୈଠକ ଆରମ୍ଭରୁ ବିଧାୟକ ସାହୁ ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଥିଲେ। ହେଲେ ପ୍ରଶାସନିକ ଅଧିକାରୀ କିମ୍ବା ଏନ୍‌ଟିପିସି କର୍ତ୍ତୃପକ୍ଷ କେହି ଏହାର ଜବାବ ରଖି ନ ଥିଲେ। ପରେ ଜିଲାପାଳ ସାମଲ ୮ମ ଆର୍‌ପିଡିଏସି ବୈଠକର ଏଜେଣ୍ଡା ପଢ଼ିବା ଆରମ୍ଭ କରିଥିଲେ। ଫଳରେ ଉପସ୍ଥିତ ଜନ ପ୍ରତିନିଧି ଏହାର ପ୍ରତିବାଦ କରିବା ସହ ବୈଠକରୁ ଉଠି ଆସିଥିଲେ। ବିଧାୟକ ସାହୁ କହିଛନ୍ତି, ଶିଳ୍ପାନୁଷ୍ଠାନଠାରେ ସାଧାରଣ ଲୋକେ ପ୍ରତିବାଦ କଲେ କର୍ତ୍ତୃପକ୍ଷ ଲୋକ ପ୍ରତିନିଧିଙ୍କୁ ଖୋଜିଥାନ୍ତି। ହେଲେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ପ୍ରଶ୍ନ କଲେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ବୈଠକରେ ଏନ୍‌ଟିପିସି କଳକାରଖାନା ସପକ୍ଷରେ ହୋଇଥିବା ନିଷ୍ପତ୍ତିରେ କାଳ ବିଳମ୍ବ କରାଯାଇନାହିଁ। କିନ୍ତୁ କ୍ଷତିଗ୍ରସ୍ତ ଜନସାଧାରଣଙ୍କ ସମସ୍ୟା କଥା ଉଠିଲେ ବିଭିନ୍ନ ଆଳ ଦେଖାଯାଇ କାମରେ ବିଳମ୍ବ କରାଯାଉଛି। ତେଣୁ ବାଧ ହୋଇ ବୈଠକକୁ ବର୍ଜନ କରାଯାଇଛି। ଏଥିପାଇଁ ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ସମସ୍ତେ ଦାୟୀ। ଅନ୍ୟପକ୍ଷରେ ସମସ୍ତ ନିଷ୍ପତ୍ତି କାର୍ଯ୍ୟକାରୀ ହେଉଛି କି ନା ତାହାର ଯାଞ୍ଚ କରିବା ଦାୟିତ୍ୱ ପ୍ରଶାସନର ହୋଇଥିଲେ ମଧ୍ୟ ଏହା କରାଯାଉ ନ ଥିବା ସେ କହିଛନ୍ତି।

ଏମ୍‌ପି ସତପଥୀ କହିଛନ୍ତି ଯେ, ଆରପିଡ଼ିଏସି ବୈଠକ ପ୍ରତି ୪ ମାସରେ ଥରେ ହେବା କଥା। ହେଲେ ୭ମ ଆର୍‌ପିଡିଏସି ବୈଠକ ୨୦୧୬ରେ ବସିଥିଲା। ପିଏସି ବା ପ୍ରାଇଭେଟ କମ୍ପାନୀର କାମ ହେଉଛି ଆରଡ଼ିସି, ଜିଲାପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ନେଇ ସମୟ ସୀମା ମଧ୍ୟରେ ବୈଠକ କରାଇବା। କିନ୍ତୁ ଏନ୍‌ଟିପିସି କର୍ତ୍ତୃପକ୍ଷ ଅଢ଼େଇ ବର୍ଷ ହେବ ଏ ନେଇ କୌଣସି ତତ୍ପରତା ଦେଖାଇନାହାନ୍ତି। ଆରପିଡିଏସି ବୈଠକ ସାଧାରଣ ଲୋକ, କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମ୍ପର୍କର ଏକ ମାଧ୍ୟମ। ହେଲେ ବୈଠକର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉନାହିଁ। ତେଣୁ ଉକ୍ତ ବୈଠକରେ ବସିବାର କୌଣସି ଆବଶ୍ୟକତା ନ ଥିବା ଏମ୍‌ପି କହିଥିଲେ। ଲୋକଙ୍କ ସମସ୍ୟାର ସମାଧାନ ନ କରିବା ସହ ଏହା କେନ୍ଦ୍ର ସରକାରଙ୍କ ସଂସ୍ଥା ବୋଲି କହି ଲୋକଙ୍କୁ କିଛି ନ ଦେଇ କେବଳ ନେବା, ଏପରି ଆଉ ହେବ ନାହିଁ। ଓଡ଼ିଶାର ଲୋକେ ଜାଣିଛନ୍ତି ସେମାନେ କେଉଁଠି ପୂର୍ଣ୍ଣଚ୍ଛେଦ ଟାଣିବେ ବୋଲି ଏମ୍‌ପି ସତପଥୀ କହିଥିଲେ। ସେହିପରି ତାଳଚେର ବିଧାୟକ ପ୍ରଧାନ କହିଥିଲେ, ଏନ୍‌ଟିପିସି ପକ୍ଷରୁ ଅଦ୍ୟାବଧି ଆରପିଡିଏସି ବୈଠକରେ ହୋଇଥିବା ନିଷ୍ପତ୍ତିରୁ କୌଣସି ଗୋଟିଏ କାର୍ଯ୍ୟକାରୀ ହୋଇନାହିଁ। କମ୍ପାନୀ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିବା ସହ କର୍ପୋରେଟ କାର୍ଯ୍ୟାଳୟକୁ ସ୍ପଷ୍ଟୀକରଣ କରିବା ପାଇଁ ପଠାଇଥିବା ବାହାନା କରୁଛନ୍ତି। ୨୫ ବର୍ଷ ଧରି ଲୋକଙ୍କ ସମସ୍ୟାର ସମାଧାନ ମଧ୍ୟ ହୋଇପାରି ନ ଥିବା ବିଧାୟକ ପ୍ରଧାନ କହିଥିଲେ। ଏ ସମ୍ପର୍କରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡିଭି ସ୍ୱାମୀ କହିଛନ୍ତି, ଏନ୍‌ଟିପିସି ଆରପିଡ଼ିଏସି ବୈଠକରେ ପୂର୍ବ ଆଲୋଚନାରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରିତାକୁ ନେଇ ଜନ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରି ଉପସ୍ଥିତ ନ ରହିବାରୁ ବୈଠକ ବାତିଲ କରିଦିଆଯାଇଛି। ଆଗାମୀ ଦିନରେ ଆଉଥରେ ବୈଠକ ଡକାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସେ କହିଥିଲେ। ଅନ୍ୟପକ୍ଷରେ ନିଷ୍ପତ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଟିପିସିର ଆଞ୍ଚଳିକ ନିର୍ବାହୀ ନିର୍ଦ୍ଦେଶକ (ପୂର୍ବାଞ୍ଚଳ-୨) ଏମ୍‌ପି ସିହ୍ନା, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେଶନର ମହାପ୍ରବନ୍ଧକ ମିଥିଲେଶ କୁମାର ସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ଲୋକ ପ୍ରତିନିଧି, ସାମାଜିକ କର୍ମୀ ଓ ବିସ୍ଥାପିତ ପରିବାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଟିଟିପିଏସ୍ ଫାଟକ ସମ୍ମୁଖରେ ଅନଶନ



**ତାଳଚେର, ୧୭।୧(ନି.ପ୍ର.)**

୩ ଦଫା ଦାବି ନେଇ ସାମାଜିକ କର୍ମୀ ବିଷ୍ଣୁମୋହନ ରଥ ସୋମବାର ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ (ଟିଟିପିଏସ) ମୁଖ୍ୟ ଫାଟକ ସମ୍ମୁଖରେ ଅନଶନରେ ବସିଛନ୍ତି । ଟିଟିପିଏସ୍‌ର ଆଶାଲୋକ ହସ୍ପିଟାଲ ପରିସରରେ ଇଏସ୍‌ଆଇ ଡିସପେନ୍‌ସାରୀ ଖୋଲିବା, ପ୍ଲାଣ୍ଟ ସମ୍ମୁଖରେ ଥିବା ବାଇକ ଷ୍ଟାଣ୍ଡରେ ସିସିଟିଭି ସହ ଜଗୁଆଳି ବ୍ୟବସ୍ଥା, ଶ୍ରମିକମାନଙ୍କୁ ସ୍ପେଶିଆଲ ଆଲାଉନ୍ସ ୨୨ ଟଙ୍କା ବଦଳରେ ୫୦ ଟଙ୍କା ପ୍ରଦାନ କରାଯିବା ଆଦି ଦାବି କରି ସେ ଅନଶନରେ ବସିଛନ୍ତି। ଏ ନେଇ ଅଭିଯୋଗ ପରେ ଟିଟିପିଏସ କର୍ତ୍ତୃପକ୍ଷ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବେ ବୋଲି ଗତ ୭ ତାରିଖରେ ପ୍ରତିଶ୍ରୁତି ଦେଇ ଥିଲେ । ହେଲେ ପ୍ରତିଶ୍ରୁତି ପୂରଣ ନ ହେବାରୁ ବିଷ୍ଣୁମୋହନ ଏହି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେ କହିଛନ୍ତି।

## ୧୨ ଘଣ୍ଟା କନ୍ଧମାଳ ଠପ୍

**ଫୁଲବାଣୀ ଅଫିସ,୧୭।୧**

ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ଜଣେ ୮ମ ଶ୍ରେଣୀ ଛାତ୍ରୀ ମା' ହେବା ଓ ନବଜାତ ଶିଶୁକନ୍ୟା ଆଖି ବୁଜିବା ଘଟଣାରେ ଗୁରୁବାର ଭାଜପା ପକ୍ଷରୁ ୧୨ ଘଣ୍ଟିଆ କନ୍ଧମାଳ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଜିଲାରେ ଏହାର ପ୍ରଭାବ ପଡ଼ିଛି। ସ୍ୱତଃପ୍ରବୃତ୍ତ ଭାବେ ବ୍ୟବସାୟୀମାନେ ଦୋକାନ ବନ୍ଦ ରଖିଥିବା ବେଳେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ବନ୍ଦକୁ ସମର୍ଥନ କରୁଥିବା ଦେଖାଯାଇଥିଲା। ଫୁଲବାଣୀ ସହରରେ ଭାଜପା କର୍ମୀମାନେ ସକାଳୁ ରାଲି କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅଫିସକୁ ଯାଇ ବନ୍ଦ କରିଥିଲେ। ସେହିପରି ସହର ସଂଲଗ୍ନ ବିଦ୍ୟାଳୟଗୁଡିକ ମଧ୍ୟ ବନ୍ଦ ରହିଥିଲା । ଜିଲାର ପ୍ରାୟ ସମସ୍ତ ବ୍ଲକରେ ଏହି ବନ୍ଦର ପ୍ରଭାବ ପଡ଼ିଥିବା ଜଣାପଡ଼ିଛି।

ପ୍ରଶାସନର ଦାୟିତ୍ୱହୀନ କାର୍ଯ୍ୟ ଏବଂ ଅପାରଗତାରୁ ଜିଲାରେ ବାରମ୍ବାର ଏଭଳି ଅପ୍ରୀତିକର ଘଟଣା ଘଟୁଛି। ଦାରିଙ୍ଗବାଡି ସେବାଶ୍ରମରେ ରବିବାର ଘଟିଥିବା ଘଟଣାରେ ତୁରନ୍ତ ପଦକ୍ଷେପ ନିଆଯାଇନି। ତେଣୁ ଜିଲାପାଳଙ୍କ ତୁରନ୍ତ ବଦଳି ସହ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ବିଭିନ୍ନ ଛକରେ ଭାଜପା ପକ୍ଷରୁ ନାରାବାଜି କରାଯାଇଥିଲା। ଏଥିସହ ଘଟଣାର ବିଚାର ବିଭାଗୀୟ ତଦନ୍ତ, ପୀଡିତାଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ବିଭାଗୀୟ ମନ୍ତ୍ରୀ ରମେଶ ମାଝି ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଥିଲା। ଏସ୍‌ସି ସେଲର ନେତ୍ର ମାନସେଟ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେ, ଜିଲା ଭାଜପା ସଭାପତି ଲିଙ୍ଗରାଜ ଦଳବେହେରା, ସାଧାରଣ ସମ୍ପାଦକ ଭଗବାନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବନାରାୟଣ ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସ୍ମୃତିରାଣୀ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ବନ୍ଦରେ ସାମିଲ ହୋଇଥିଲେ ।

## ପ୍ରାଥମିକ ଶିକ୍ଷା ପିଲାଙ୍କ ମୂଳଦୁଆ

**ଅନୁଗୋଳ ଅଫିସ, ୧୭।୧**



ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଜେନାଙ୍କ ସଭାପତିତ୍ୱରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲା ପଞ୍ଚାୟତ ଅଧିକାରୀ ରାଜକିଶୋର ଦାସ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଅନୁଗୋଳ ମହିଳା ମହାବିଦ୍ୟାଳୟ ଓ ସମ୍ମାନିତ ଅତିଥି ଭାବେ ଓମ୍ ବିଦ୍ୟାମନ୍ଦିର ଆବାସିକ ମହାବିଦ୍ୟାଳୟ ସମୂହର ଅଧ୍ୟକ୍ଷ ଦୀପକ କୁମାର ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ପୂର୍ଣ୍ଣଚନ୍ଦ୍ର ସିଂସାମନ୍ତ, ସରପଞ୍ଚ ମମତା ସାହୁ, ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲ ଉପାଧ୍ୟକ୍ଷ ନାଟ୍ୟକାର ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ଶିକ୍ଷା ପିଲାଙ୍କ ମୂଳଦୁଆ ହୋଇଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଅଭିଭାବକମାନେ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ୮୨ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପୂଜ୍ୟପୂଜା ସଙ୍ଗଠନ ତରଫରୁ ଗାଁର ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟାପକ ଦୀପକ କୁମାର ସାହୁଙ୍କୁ ସଫଳ ବ୍ୟକ୍ତିତ୍ୱ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଜୀବନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅଭିଜିତ ଦାସ, ମୋନାଲିସା ବେହେରା, ବିଦ୍ୟା କନ୍‌ଷ୍ଟ୍ରକଶନ୍ ଓ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲ ସୌଜନ୍ୟରୁ ଓଡ଼ିଆ ଓ ଇଂରାଜୀ ଭାଷାରେ ପାରିଦର୍ଶିତା ଲାଭ କରିଥିବା ଛାତ୍ର ସତ୍ୟବ୍ରତ ବେହେରା ଓ ପ୍ରଦ୍ୟୁମ୍ନ ସାସମଲଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମନୋରମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଏମଆରଏଫ, କୁଶାସିଙ୍ଗା ବିଜୟୀ

**ଛେଣ୍ଡିପଦା,୧୭।୧(ଡି.ଏନ.ଏ)**

ଛେଣ୍ଡିପଦା ବ୍ଲକ କୋଶଳା ମା' ରାମଚଣ୍ଡୀ ମନ୍ଦିର ଖେଳ ପଡିଆଠାରେ ଗୁରୁବାର ରାମଚଣ୍ଡୀ କ୍ରିକେଟ କ୍ଲବ ପକ୍ଷରୁ ଶହୀଦ ଅରୁଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ କୋଶଳା ଶାଖା ପରିଚାଳକ ମୀନକେତନ ପଟ୍ଟନାୟକ, ସମ୍ମାନିତ ଅତିଥି ଶହୀଦ ଅରୁଣଙ୍କ ବଡ ଭାଇ ତରୁଣ ଗଡନାୟକ, ଏନଜେନ ଯନ୍ତ୍ରୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମ୍ୟାଚରେ କୋଶଳା ବ୍ୟାଟିଂ କରି ୧୨୧ ରନ କରିଥିବାବେଳେ ଜବାବରେ ଜେ ହୋ ମଲ୍ଲିବନ୍ଧ ୬୯ ରନ କରି ପରାସ୍ତ ହୋଇଥିଲା। ୨ୟ ମ୍ୟାଚରେ ପ୍ରଥମେ କୁଶାସିଙ୍ଗା ୧୮୬ ରନ କରିଥିବାବେଳେ ଜବାବରେ ଡଅରା ୫୩ ରନ କରି ପରାସ୍ତ ହୋଇଥିଲା।

## ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ବଇଣ୍ଡା,୧୭।୧(ଡି.ଏନ.ଏ)**

ଆଠମଲ୍ଲିକ ବ୍ଲକ ଆମ୍ବଶର ମୁଣ୍ଡା ହାଇସ୍କୁଲ ଖେଳ ପଡ଼ିଆଠାରେ ଗୁରୁବାର ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ମହେଶ୍ୱର ଦେହୁରି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅନ୍ୟତମ ଅତିଥି ଭାବେ ଆମ୍ବଶର ମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଧର୍ମୁଦର ପଟ୍ଟନାୟକ, ସୋମନାଥ ମାଝି, ସୁବାଷ ଚନ୍ଦ୍ର ପ୍ରଧାନ, ଅକ୍ଷୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୦ଟି ବିଦ୍ୟାଳୟର ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



## ପାଣି ସଂରକ୍ଷଣ କରି ଲାଭବାନ ହୁଅନ୍ତୁ ଚାଷୀ




**ଅନୁଗୋଳ ଅଫିସ, ୧୭।୧**

ଉଠାଜଳସେଚନ ବିଭାଗ ଦ୍ୱାରା କାର୍ଯ୍ୟକ୍ଷମ ଜଳସେଚନ ପଏଣ୍ଟ ଅନ୍ତର୍ଗତ ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କୁ ନେଇ ଗୁରୁବାର ଜିଲା ବିଭାଗୀୟ କାର୍ଯ୍ୟାଳୟ ପରିସରରେ ପାଣି ପଞ୍ଚାୟତପକ୍ଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତି କିଷାନ ଯୋଗଦେଇ ପାଣିର ଉପଯୁକ୍ତ ବିନିଯୋଗ ଓ ଏହାର ସଂରକ୍ଷଣ କରି ଚାଷୀମାନେ ଅଧିକ ଫସଲ ଅମଳ କରି ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ସରୋଜକାନ୍ତ ମିଶ୍ର, ଉପକୃଷି ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର, ଜିଲା କୃଷି ଅଧିକାରୀ ଭୋଳା ଶଙ୍କର ବେହେରା, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଲଳିତ କୁମାର ପଣ୍ଡା, ଜଳସେଚନ ବିଭାଗର ଉପ ନିର୍ବାହୀ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାଢ଼ୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରାମରତନ ପ୍ରଧାନ ଓ ବିଦ୍ୟୁତ ବିଭାଗ (ସେସୁ) ସହକାରୀ ଯନ୍ତ୍ରୀ ବିବେକାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତର ଠିକ୍ କାର୍ଯ୍ୟକାରିତାରେ ପ୍ରତ୍ୟେକ ବିଭାଗର ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଗୋଳ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପ୍ରସାଦ ମିଶ୍ର ପାଣି ପଞ୍ଚାୟତର ପରିଚାଳନା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପାଣି ପଞ୍ଚାୟତର କର୍ମକର୍ତ୍ତା, ଚାଷୀ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ପୂର୍ବ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୋନାଲି ମିଶ୍ର, ୨ୟ ପିଟିସି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ସ୍ୱାତୀ ସାଗରିକା ଆଚାର୍ଯ୍ୟ ଓ ୩ୟ ହୋଇଥିବା ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଶୁଭ୍ରାଂଶୁ ଶେଖର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା।

## ବେଶାଳିଆ ଚାମ୍ପିୟନ

**କଣିହାଁ,୧୭।୧(ଡି.ଏନ.ଏ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସୁସୁବା ପଞ୍ଚାୟତ ଭାଲିଆବେଡ଼ା ଗ୍ରାମ ଖେଳପଡ଼ିଆଠାରେ ଚାଲିଥିବା ମା'ମଙ୍ଗଳା କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭାଲିଆବେଡ଼ା ଟିମ୍ ଓ ବେଶାଳିଆ ଟିମ୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଭାଲିଆବେଡ଼ା ବ୍ୟାଟିଂ କରି ୨୦ ଓଭରରେ ୧୮୫ ରନ କରିଥିଲା। ଜବାବରେ ବେଶାଳିଆ ୧୯.୩ ଓଭରରେ ୧୮୬ ରନ କରି ବିଜୟୀ ସହ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜଗମୋହନ ପ୍ରଧାନ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିନୟ ପ୍ରଧାନ, ଭଗବାନ ସାହୁ, ଲମ୍ବୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନରେଶ ଚନ୍ଦ୍ର ପ୍ରଧାନ, ସଞ୍ଜୟ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଲକି ପ୍ରଧାନ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ଗାଙ୍ଗୁଲି ସାହୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ବିନୟ ପ୍ରଧାନ, ଭଗବାନ ସାହୁ, ଲମ୍ବୋଦର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ସବର୍ଣ୍ଣ-ଅସବର୍ଣ୍ଣ ଗୋଷ୍ଠୀ ସଂଘର୍ଷ

**ବନ୍ତଲା, ୧୭।୧(ଡି.ଏନ.ଏ.)**

**■ଥାନାରେ ୨ ମାମଲା**

**■୧୦ ଜଣଙ୍କୁ ଉଠାଇନେଲା ପୋଲିସ**

ଅନୁଗୋଳ ଥାନା ଶାବଳଭଙ୍ଗା ଶୈବ ପୀଠରେ ଗତ ୧୪ ତାରିଖରେ ଅନୁଷ୍ଠିତ ମକରମେଳାରେ କେତେଜଣ ମହିଳାଙ୍କୁ କମେଣ୍ଟ ମାରିବାକୁ କେନ୍ଦ୍ର କରି ଶାବଳଭଙ୍ଗା ସବର୍ଣ୍ଣ-ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଛି। ଏ ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ୧୦ ଜଣଙ୍କୁ ଉଠାଇନେଇ ଥାନାରେ ଅଟକ ରଖିଛି।

ଅଭିଯୋଗ ମୁତାବକ, ମକର ଯାତ୍ରାରେ ଅସବର୍ଣ୍ଣ ଗୋଷ୍ଠୀର କେତେଜଣ ଯୁବକ ରାସ୍ତାରେ ଯାଉଥିବା ମହିଳା ତଥା ଯାତ୍ରୀଙ୍କୁ କମେଣ୍ଟ ମାରିବା ସହ ଅସଦ୍‌ବ୍ୟବହାର କରିଥିଲେ। ଏ ନେଇ ଗ୍ରାମବାସୀ ଓ କମିଟି ପକ୍ଷରୁ ସମ୍ପୃକ୍ତ ଯୁବକମାନଙ୍କୁ ବାରଣ କରାଯିବା ସତ୍ତ୍ୱେ ସେମାନେ ମାନି ନ ଥିଲେ। ଏହାକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣମାନଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ୧୫ ତାରିଖରେ ଉଭୟ ଗୋଷ୍ଠୀ ଏକତ୍ର ବସି ଘଟଣାର ସମାଧାନ ହୋଇଥିଲେ ହେଁ ବୁଧବାର ସନ୍ଧ୍ୟାରେ ଅସବର୍ଣ୍ଣ ଗୋଷ୍ଠୀର ୫ରୁ ୬ ଜଣ ଯୁବକ ପୁନର୍ବାର ଗ୍ରାମବାସୀମାନଙ୍କୁ ଗାଳିଗୁଲଜ କରିଥିବା ସବର୍ଣ୍ଣ ଗୋଷ୍ଠୀ ଅଭିଯୋଗ କରିଛନ୍ତି। ଏହାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସହ ମାର୍‌ପିଟ ହୋଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଅନୁଗୋଳ ପୋଲିସ ଓ ଫୋର୍ସ ବୁଧବାର ରାତିରେ ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏଥିସହ ଗୁରୁବାର ଗ୍ରାମ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ବୈଠକରେ ସବର୍ଣ୍ଣମାନେ ଅସବର୍ଣ୍ଣଙ୍କ ସହ ନ ଚଳିବା ପାଇଁ ସ୍ଥିର କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଗୁରୁବାର ସନ୍ଧ୍ୟାରେ ପୋଲିସ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀର ୫ ଜଣ ଲେଖାଁଏ ମୋଟ୍ ୧୦ ଜଣକୁ ଥାନାରେ ଅଟକ ରଖିଛି। ଘଟଣାରେ ସବର୍ଣ୍ଣ ଗୋଷ୍ଠୀର ଯଶୋବନ୍ତ ବେହେରାଙ୍କ ଅଭିଯୋଗକ୍ରମେ ନଂ.୪୪/୧୯ ଏବଂ ଅସବର୍ଣ୍ଣ ଗୋଷ୍ଠୀର ଭୋଳା ଗୋଚ୍ଛାୟତଙ୍କ ଅଭିଯୋଗ କ୍ରମେ ଅନୁଗୋଳ ଥାନାରେ ୪୫/୧୯ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।



